ପାଠ- ୯

# ଯେ ଥାଏ ପର ଉପକାରେ

## STUDY NOTES

**ସାରକଥା** – ଆଚ୍ଛା ! ପିଲାମାନେ ତୁମେ ମାନେ ବର୍ତ୍ତମାନ ପଞ୍ଚମ ଶ୍ରେଣୀର ଛାତ୍ର ଓ ଛାତ୍ରୀ ଛୋଟ ବେଳୁ ଏବେ ପର୍ଯ୍ୟନ୍ତ ତୁମେ ମାନେ କେତେ କ'ଣ ଗପ ଶୁଣିଥିବ ରାଜାରାଣୀ, ପରି ରାଇଜ , ବୁଢ଼ୀ ଅସୁରୀଣି ଏମିତି ଅନେକ କିଛି। କହିଲ ଦେଖି ତୁମେ ପିମ୍ପୁଡ଼ି ଓ ଚଢ଼େଇ ଗପ ଶୁଣିଛ ? ଯେଉଁଠି ପିମ୍ପୁଡ଼ିର ଅସମୟରେ ଚଢ଼େଇ ତାକୁ ସାହାର୍ଯ୍ୟ କଲା ଓ ଚଢ଼େଇର ଅସମୟରେ ପିମ୍ପୁଡି ତାର ଉପକାର କଲା। ସତରେ ପିଲାମାନେ ଉପକାର କଲେ କେତେ ଯେ ଖୁସି ଲାଗେ ତୁମେ ମାନେ ନିଶ୍ଚୟ ବୁଝୁଥିବ ଉପକାର ଯଦି ଆମେ କରିବା, ଦୁଃଖି, ଦରିଦ୍ର ମାନଙ୍କୁ ସାହର୍ଯ୍ୟ କରିବା ତେବେ ଭଗବାନ ଆମ ଉପରେ କୃପା କରିବେ ।



ରାଜା ରାଣୀ ଗପ



ବୁଢୀ ଅସୁରିଣୀ



ପରି ରାଇଜ



ପିମ୍ପୁଡି ଚଢେଇ

ଠିକ୍ ସେମିତି ତୁମ ମାନଙ୍କୁ ଗୋଟିଏ ବଢ଼ିଆ ଗପଟିଏ କହିବି ଯାହା ଦ୍ୱାରା ତୁମେ ମାନେ କିପରି ଅନ୍ୟର ଉପକାର କରିପାରିବ ତାହା ତୁମେ ଆଜି ଶିଖିବ। ଗପ କହିବି ସତ। କିନ୍ତୁ ମଝିରେ ମଝିରେ କିଛି ପ୍ରଶ୍ନ ପଚାରିବି ତାହାର ମଧ୍ୟ ଉତ୍ତର ତୁମେ ଠିକ୍ ଭାବରେ ଦବ। ଚାଲ ତାହାହେଲେ ସମସ୍ତେ ଯିବା।

ଆମ ଭାରତ ଭୁଖଣ୍ଡ ଯେଉଁଥିରେ ବି ୨୮ଟି ରାଜ୍ୟ ଅଛି ଓ ୮ଟି କେନ୍ଦ୍ରଶାସିତ ଅଞ୍ଚଳ ଅଛି। ଏହି ୨୮ଟି ରାଜ୍ୟ ମଧ୍ୟରୁ ଗୁଜୁରାଟ ଏକ ରାଜ୍ୟ ଓ ସେହି ରାଜୟର କଚ୍ଛ ଗୋଟିଏ ଅଞ୍ଚଳ ଅଛି ।




ଭାରତ ମାନଚିତ୍ର




ଗୁଜୁରାଟ

EDUCATIONAL GROUP
Changing your Tomorrow

ସେଠାରେ ଜଣେ ସନ୍ୟାସୀ ଥିଲେ। ତାଙ୍କ ନାମ ମେକରଣ। ସନ୍ୟାସୀ ଜଣଙ୍କ ବାର ବର୍ଷ ଗିରିନାର ପର୍ବତରେ ତପସ୍ୟା କଲେ। ମେ କରଣଙ୍କ ଗୁରୁ ଦତ୍ତାତ୍ରେୟ ଯେତେବେଳେ ଜାଣିଲେ ତାଙ୍କ ଶିଷ୍ୟ ବାର ବର୍ଷ ଧରି ତପସ୍ୟା କରିଛନ୍ତି। ସେତେବେଳେ ଗୁରୁ ଖୁବ୍ ଖୁସିହେଲେ।





## ୧) ପ୍ରଶ୍ନ ପଢ଼ି ଉତ୍ତର ଦିଅ ।

କ) ଦତ୍ତାତ୍ରେୟ କାହାର ଗୁରୁ ଥିଲେ ?

ଉ: ଦତ୍ତାତ୍ରେୟ ମକରଣଙ୍କ ଗୁରୁ ଥିଲେ

ଖ) ମେକରଣ କେଉଁଠି କେତେବର୍ଷ ତପସ୍ୟା କରିଥିଲେ ?

ଉ: ମେକରଣ ଗିରିନାର ପର୍ବତରେ ବାରବର୍ଷ ଧରି ତପସ୍ୟା କରିଥିଲେ।

ଦତ୍ତାତ୍ରେୟ ଚାହୁଁଥିଲେ ମେକରଣ ପର ଉପରକାର କରୁ। ତେଣୁ ଗୁରୁ ମେକରଣଙ୍କୁ ଦୁଇଟି ତୁମ୍ବୀ ଦେଲେ ଓ କଚ୍ଛ ଅଞ୍ଚଳ ଯେହେତୁ ମରୁଭୂମି ଥିଲା ଶୋଷିଲା ପଥିକ ମାନଙ୍କୁ ପାଣି ପିଆଇ । ତାଙ୍କର ତୃଷା ମେଣ୍ଟେଇବା ପାଇଁ କହିଲେ। ନିଜର ବୃଦ୍ଧାବସ୍ଥା ପର୍ଯ୍ୟନ୍ତ ମେକରଣ ଗୁରୁଙ୍କ ଆଜ୍ଞା ପାଳନ କଲେ।



ଅତ୍ୟଧିକ ବୁଢ଼ା ହେବାପରେ ମେକରଣ ବେଶି ପରିଶ୍ରମ କରିପାରିଲେ ନାହିଁ ।

ନିଜର ସାହଯ୍ୟ ପାଇଁ ଗଧ ଓ କୁକୁରକୁ ପୋଷିଥିଲେ। ଗଧର ନାମ ଥିଲା ଲାଲା ଓ କୁକୁରର ନାମ ମୋତି ରଖିଥିଲେ ଗଧ ପିଠିରେ ଦୁଇଟି ତୁମ୍ବୀ ଓହଳାଇ ଡବାଟିଏ ରଖୁଥିଲେ ଓ କୁକୁର ଗଧକୁ ବାଟ ଦେଖାଇ ଆଗେ ଆଗେ ଯାଉଥିଲା ଏବଂ ଯେଉଁଠି ଶୋଷିଲା ଲୋକ ଦେଖୁଥିଲେ ସେମାନଙ୍କୁ ପାଣି ପହଞ୍ଚାଇ ଦଉଥିଲା ।

## ୨) ପ୍ରଶ୍ନ ପଢ଼ି ଉତ୍ତର ଲେଖ ।

କ) ମେକରଣଙ୍କ ଏଠାରେ କେଉଁ ସ୍ୱଭାବ ଦେଖିପାରୁଛ ?

ଉ-ମେକରଣଙ୍କ ଏଠାରେ ପରୋପକାର ସ୍ୱଭାବ ଦେଖିପାରୁଛୁ ?

ଖ) ମଣିଷଙ୍କ ଭଳି ଆଉ କାହାର ଏଠି ପରୋପକାରର ସ୍ୱଭାବ ଦେଖିପାରୁଛେ ?

ଉ- ମଣିଷଙ୍କ ଭଳି କୁକୁର ମୋତି ଓ ଗଧ ଲାଲାର ପରୋପକାର ର ସ୍ୱଭାବ ଦେଖିପାରୁଛେ ।

କଚ୍ଛ ରାଜ୍ୟର ରାଜା ଶିକାର କରିବାକୁ ଆସିଥିଲେ। କିନ୍ତୁ କୌଣସି ଜନ୍ତୁଙ୍କୁ ପାଇ ପାରିଲେ ନାହିଁ। କିନ୍ତୁ ମରୁଭୂମିରେ କୁକୁର ଓ ଗଧଙ୍କୁ ଦେଖି ଆଶ୍ଚଯ୍ୟ ହେଲେ। ରାଜାଙ୍କ କର୍ମଚାରୀ ମେକରଣଙ୍କ ପୋଷାଜନ୍ତୁ ବୋଲି ଜଣାଇ ତାଙ୍କ କାର୍ଯ୍ୟ ବିଷୟରେ ଜଣାଇଲେ । ଏହା ଶୁଣି ରାଜାଙ୍କର ମେକରଣଙ୍କ ସାକ୍ଷାତ ପାଇଁ ଗଲେ ଏବଂ ଶୀତରେ ଥରୁଥିବା ମେକରଣ ଙ୍କୁ ନିଜ ମୋତି ମାଣିକ ଖଚିତ ଚାଦରଟିକୁ ଘୋଡ଼ାଇ ଦେଲେ। କିନ୍ତୁ ମେକରଣ ଅତି ନମ୍ରର ସହ ସେହି ଚାଦରକୁ ଫେରାଇ ଦେଇଥିଲେ ।

ରାଜା କିନ୍ତୁ ମେକରଣଙ୍କୁ କିଛି ମାଗିବା ପାଇଁ କହିଲେ ଏବଂ ମେକରଣ କଚ୍ଛ ଭୂମିରେ ଆଉ କେବେ କେହି ଶିକାର ନ କରିବା ପାଇଁ ଦାନରେ ମାଗିଲେ। ଏବଂ ରାଜା ଅତ୍ୟନ୍ତ ଖୁସି ହୋଇ ତାଙ୍କୁ କଥା ଦେଲେ । ଆଜିଠାରୁ କେହି ଏଠାରେ ଶିକାର କରିବେ ନାହିଁ।

୩) **ପ୍ରଶ୍ନ ପଢ଼ି ଉତ୍ତର ଲେଖ ।**

କ) ଯେଉଁଠି ପଶୁ ପକ୍ଷୀଙ୍କୁ ଶିକାର କରାଯାଏ ନାହିଁ ସେହି ସ୍ଥାନକୁ କଣ କୁହାଯାଏ ?

ଉ- ଅଭୟାରଣ୍ୟ କୁହାଯାଏ।

ଖ) ଦୁଇଟି ଅଭୟାରଣ୍ୟର ନାମ ଲେଖ

କ) ଭିତର କନିକା    ଖ) ଟିକରପଡା

ଗ) ଏହି ବିଷୟରୁ ତୁମେମାନେ କଣ ଶିକ୍ଷା କଲ ?

(କ) ପରପୋକାର

(ଖ) ପଶୁପକ୍ଷୀ ଙ୍କ ପ୍ରତି ଦୟାଭାବ

(ଗ) ନମ୍ରତା

(ଘ) କୌଣସି ଜିନିଷ ପ୍ରତି ଲୋଭ ଭାବ ନ ରଖିବା

"ତୁମେ ମାନେ ମଧ୍ୟ ଏହିଭଳି ହେବା ଉଚିତ୍ "

♦♦♦

ODM EDUCATIONAL GROUP Changing your Tomorrow